بسم الله الرحمن الرحيم

## ଖୁତ୍‌ବା ଜୁମା ୩ ଫେବୃଆରୀ ୨୦୨୩ର ସାରାଂଶ
## ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)

# ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ଚିତ୍ତାକର୍ଷକ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ ତଥା ଗାରିମା ସଂପର୍କରେ ବର୍ଣ୍ଣନା କରି କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ ତଥା ମାହିମାର ଦ୍ୱାର ସଦାସର୍ବଦା ପାଇଁ ଉନ୍ମୁକ୍ତ ରହିଛି ଏବଂ ଆଁହଜରତ ସ.ଅଙ୍କ କାଳରେ ଯେପରି ତାହା ଜାଜ୍ୱୁଲ୍ୟମୟ ଏବଂ ତେଜସ୍ୱୀ ଥିଲା ଠିକ୍ ସେହିପରି ତାହା ପ୍ରତ୍ୟେକ ଯୁଗରେ ମଧ୍ୟ ରହିଛି ।

ଆପଣ ଅ.ସ କୁହନ୍ତି, ଏକଥା ନିରାଟ ସତ୍ୟ ଯେ, ମୁସଲମାନ ଧର୍ମାବଲମ୍ବୀମାନେ ପବିତ୍ର କୁରଆନ୍ କରୀମ୍‌କୁ ପରିତ୍ୟାଗ କରି ଦେଇଛନ୍ତି । ଏହା ସତ୍ତ୍ୱେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ, ଆଲୋକ ଓ ତାହାର ବୈଭବ୍ୟମୟ ପ୍ରଭାବ ଚିରୋଜ୍ଜୀବିତ ଏବଂ ସତେଜ ହୋଇ ରହିଛି । ଅତଏବ ମୁଁ ସେହି ପ୍ରମାଣ ଉପସ୍ଥାପିତ କରିବା ସକାଶେ ପ୍ରେରିତ ହୋଇଅଛି ଏବଂ ଅଲ୍ଲାଃତାଲା ସର୍ବଦା ଯଥା ସମୟରେ ନିଜ ସତ୍ତାର ପ୍ରମାଣ ଦେଇ ନିଜ ଭକ୍ତମାନଙ୍କର ସାହାଯ୍ୟ ଓ ସମର୍ଥନ କରିଥାଆନ୍ତି । କାରଣ ସେ ଏହି ପ୍ରତିଶୃତି ଦେଇଛନ୍ତି ଯେ, **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍ରା ୱ ଇନ୍ନା ଲହୁ ଲହାଫିଜୁନ୍** । ନିଃସନ୍ଦେହ ରୂପେ ଆମ୍ଭେ ହିଁ ଏହି ପବିତ୍ର ଶିକ୍ଷା ଅର୍ଥାତ କୁରଆନ୍‌କୁ ଅବତୀର୍ଣ୍ଣ କରିଛୁ ଏବଂ ଆମ୍ଭେ ହିଁ ଏହାର ସଂରକ୍ଷଣ କରିବୁ ।

ଅତଃ ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସ ମିର୍ଜା ଗୁଲାମ୍ ଅହେମଦ ଅ.ସଙ୍କୁ ପବିତ୍ର କୁରଆନ୍ କରୀମର ପ୍ରକାଶନ ଏବଂ ସୁରକ୍ଷା ନିମନ୍ତେ ପ୍ରେରଣ କରିଅଛନ୍ତି । ଯେଉଁ ଗୂଢତତ୍ତ୍ୱ ତଥା ଶିକ୍ଷା ସଂପର୍କରେ ଲୋକମାନେ ଅବଗତ ନଥିଲେ ଅବା ଯେଉଁ ଆଧ୍ୟାତ୍ମିକ ଜ୍ଞାନ ଲୁକ୍କାୟିତ ଅବସ୍ଥାରେ ରହିଥିଲା ସେହି ଗୂଢତତ୍ତ୍ୱ ଏବଂ ଶିକ୍ଷା ଅଲ୍ଲାଃତାଲା ଆପଣ ଅ.ସଙ୍କୁ ପବିତ୍ର କୁରଆନ୍ କରୀମ୍‌ର ମାଧ୍ୟମରେ ହିଁ ପ୍ରଦାନ କଲେ । ଅତଏବ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଶାସନକୁ ମର୍ତ୍ତ୍ୟଧାମରେ ସ୍ଥାପନ କରିବା ନିମନ୍ତେ ଆସିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ବିଦ୍ୱାନ୍ ଓ ଜ୍ଞାନୀଗୁଣୀ ବ୍ୟକ୍ତିମାନେ ଆପଣ ଅ.ସଙ୍କ ଦାବିକୁ ପ୍ରାରମ୍ଭିକ ସମୟରୁ ହିଁ ବିରୋଧ ଓ ପ୍ରତ୍ୟାଖ୍ୟାନ କରିବା ସହିତ ନିଜର ଆଚରଣଗତ ଶୈଳୀ ରୂପେ ଗ୍ରହଣ କରି ନେଇଛନ୍ତି । ବୁଦ୍ଧିଜ୍ଞାନ ସମ୍ପନ୍ନ ଶିକ୍ଷା ଶୁଣିବାକୁ କୌଣସି ବ୍ୟକ୍ତି ମଧ୍ୟ ପ୍ରସ୍ତୁତ ନୁହନ୍ତି । କାରଣ ଧର୍ମ ଯାଜକମାନେ ସାଧାରଣ ଜନତାଙ୍କ ମନରେ ଭ୍ରମ ସୃଷ୍ଟି କରି ସେମାନଙ୍କୁ ମାର୍ଗଚ୍ୟୁତ କରି ଦେଇଛନ୍ତି । ପାକିସ୍ତାନରେ ସମୟ ସମୟରେ ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ବ୍ୟକ୍ତିମାନେ ଏହିଭଳି ଉପଦ୍ରବମୂଳକ ପରିସ୍ଥିତି ସୃଷ୍ଟି କରିଥାନ୍ତି ଓ ସେମାନଙ୍କ ସହିତ ସହଜରେ ପ୍ରସିଦ୍ଧି ଅର୍ଜନକାରୀବର୍ଗ, ରାଜନେତାମାନେ ଓ ସରକାରୀ ଅମଲାମାନେ ମିଶି ଯାଆନ୍ତି । ଫଳତଃ ଏହିମାନେ ହିଁ ନିରୀହ, ନିଷ୍କପଟ ସାଧାରଣ ଲୋକମାନଙ୍କୁ ବିଭିନ୍ନ ଆଳ କରି ଅହେମଦିମାନଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିବା ପାଇଁ ଉସ୍‌କାଇଥାନ୍ତି। ନିରାପରାଧ ଅହେମଦିମାନଙ୍କୁ ସେମାନଙ୍କ ବିରୋଧ, ଆକ୍ରୋଶର ଶିକାର ମଧ୍ୟ ହେବାକୁ ପଡ଼ିଥାଏ । ବିଗତ କିଛି ଦିନ ହେଲା ପବିତ୍ର କୁରଆନ୍ କରୀମ୍‌ରେ ପରିବର୍ତ୍ତନ ଓ ଅସମ୍ମାନର କପୋଳକଳ୍ପିତ ମକଦ୍ଦମା ଅହେମଦିମାନଙ୍କ ବିରୁଦ୍ଧରେ

ଦାଏର କରିବା ପାଇଁ ଅଣଅହେମଦିମାନେ ଅକ୍ଳାନ୍ତ ଉଦ୍ୟମ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କର କୁପ୍ରଭାବରୁ ସଂରକ୍ଷିତ ରଖନ୍ତୁ ଏବଂ ଯେଉଁ ଅହେମଦିମାନଙ୍କ ବିରୁଦ୍ଧରେ ସେମାନେ ଅନ୍ୟାୟପୂର୍ବକ ମିଥ୍ୟାରୋପ ଲଗାଇଛନ୍ତି ଏବଂ ଅକାରଣରେ ଅହେମଦିମାନଙ୍କୁ ହାଜତରେ ପୂରାଇ ଦେଇଛନ୍ତି ଅଲ୍ଲାଃତାଲା ସେହି ଅହେମଦିମାନଙ୍କୁ ଯଥାଶୀଘ୍ର କାରାମୁକ୍ତ କରି ନିର୍ଦ୍ଦୋଷ ଖଲାସ କରନ୍ତୁ । ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ହିଁ ପବିତ୍ର କୁରଆନ୍ କରୀମ୍‌ର ଆଧ୍ୟାତ୍ମିକ ଜ୍ଞାନ ସଂପର୍କରେ ସୂଚନା ମିଳିଥାଏ ଏବଂ ଜମାଅତ୍ ଅହେମଦିୟା ହିଁ ଉକ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଅଛି । ହ. ମସିହ୍ ମଉଦ୍ ଅ.ସ ନିଜର କଥନ ଓ ଲେଖନୀରେ ପବିତ୍ର କୁରଆନ କରୀମ୍‌ର ଗାରିମା ଓ ମର୍ଯ୍ୟାଦାର ଯେଉଁ ଅନନ୍ୟ ଶିକ୍ଷା ଓ ଉଦାହରଣ ଉପସ୍ଥାପିତ କରିଛନ୍ତି ତତ୍‌ସଂପର୍କରେ ମୁଁ ଆଜି ଆଲୋଚନା କରିବି ।

ହ. ମସିହ୍ ମ ଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣତ୍ୱ ଶିକ୍ଷା ସଂପର୍କରେ ଏକ ସ୍ଥଳେ ବର୍ଣ୍ଣନା କରି କୁହନ୍ତି, ମୋର ଏହି ସିଦ୍ଧାନ୍ତ ରହିଛି ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ପୂର୍ଣ୍ଣାଙ୍ଗ ପବିତ୍ର ଧର୍ମଗ୍ରନ୍ଥ ଏବଂ କୌଣସି ସତ୍ୟତା ତହିଁରୁ ବହିର୍ଭୂତ ନୁହେଁ....... । କିନ୍ତୁ ତତ୍‌ସହିତ ମୋର ଏହି ଆସ୍ଥା ଓ ବିଶ୍ୱାସ ମଧ୍ୟ ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ରୁ ସମସ୍ତ ଧାର୍ମିକ ସମସ୍ୟାର ସମାଧାନ ଏବଂ ସତ୍ୟ ସାବ୍ୟସ୍ତ କରିବା, ପବିତ୍ର କୁରଆନ୍ କରୀମ୍‌ର ବିସ୍ତୃତ ବିବରଣୀର ସଂକ୍ଷିପ୍ତ ଓ ସଠିକ୍ ସାରାଂଶ, ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସାମର୍ଥ୍ୟ ଲାଭ ହେବା ପ୍ରତ୍ୟେକ ଶ୍ରମଯୋଗୀ ମୌଲବୀର କାର୍ଯ୍ୟ ନୁହେଁ । ବରଂ ଏହା ବିଶେଷ ରୂପେ ସେହି ବ୍ୟକ୍ତିମାନଙ୍କର କାର୍ଯ୍ୟ ଯେଉଁମାନେ ଐଶୀବାଣୀ ମାଧ୍ୟମରେ ଅବତାରତ୍ୱ କିମ୍ବା ସନ୍ତତ୍ୱ ପ୍ରାପ୍ତ କରି ପ୍ରଭୁଙ୍କ ସାହାଯ୍ୟ ଓ ସମର୍ଥନ ଲାଭ କରିଥାଆନ୍ତି ।

ମାର୍ଗ ଦର୍ଶନର ପ୍ରାଥମିକ ମାଧ୍ୟମ ହେଉଛି ପବିତ୍ର କୁରଆନ୍ କରୀମ୍ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୋର ଏହି ସିଦ୍ଧାନ୍ତ ରହିଛି ଯେ, ଅଲ୍ଲାଃତାଲା ମାର୍ଗଦର୍ଶନ ତଥା ସତ୍‌ମାର୍ଗ ପ୍ରାପ୍ତି ନିମନ୍ତେ ତିନୋଟି ବସ୍ତୁ ପ୍ରଦାନ କରିଛନ୍ତି ଯଥା; **୧-** ପବିତ୍ର କୁରଆନ୍ କରୀମ୍ ଯହିଁରେ ଏକେଶ୍ୱରବାଦ ଓ ପ୍ରଭୁଙ୍କ ମହାନ ଗାରିମା ତଥା ଐଶୀ ଚର୍ଚ୍ଚା ବର୍ଣ୍ଣିତ ହୋଇଛି ଏବଂ ଯହିଁରେ ବିଭିନ୍ନ ମତଭେଦର ଫଳାଫଳ ବର୍ଣ୍ଣିତ ହୋଇଛି, ଯାହାକି (ଯେଉଁ ମତଭେଦ) ଇହୁଦୀ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଘଟିଥିଲା । ପବିତ୍ର କୁରଆନ୍ କରୀମ୍ ଏହି କାର୍ଯ୍ୟରୁ ମଧ୍ୟ ବାରଣ କରିଥାଏ ଯେ, ତୁମେମାନେ ଈଶ୍ୱରଙ୍କ ବ୍ୟତୀତ କାହାରିକୁ ଉପାସନା କର ନାହିଁ । ଅତଃ ତୁମେମାନେ ସାବଧାନ ହୋଇଯାଅ ଏବଂ ପ୍ରଭୁଙ୍କ ଶିକ୍ଷା ଏବଂ ପବିତ୍ର କୁରଆନର ମାର୍ଗଦର୍ଶନ ବିରୁଦ୍ଧୀୟ ଗୋଟିଏ ପାଦ ମଧ୍ୟ ଆଗକୁ ବଢାଅ ନାହିଁ । ମୁଁ ତୁମକୁ ସତ ସତ କହୁଛି ଯେ, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ୭୦୦ ଆଦେଶାବଳୀ ମଧ୍ୟରୁ ଗୋଟିଏ ସାଧାରଣ ଆଦେଶର ଅବଜ୍ଞା ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତି ସ୍ୱହସ୍ତରୁ ହିଁ ମୋକ୍ଷର ଦ୍ୱାର ନିଜ ପାଇଁ ବନ୍ଦ କରିଥାଏ । ଅଲ୍ଲାଃତାଲା ମୋତେ ସମ୍ବୋଧିତ କରି ତଥା ଐଶୀବାଣୀ କରି କହିଲେ, **ଅଲ୍ ଖୈରୁହୁ କୁଲ୍ଲୁହୁ ଫିଲ୍ କୁରଆନ୍** । ଅର୍ଥାତ ସକଳ ପ୍ରକାରର ମଙ୍ଗଳ ଓ କଲ୍ୟାଣ ପବିତ୍ର କୁରଆନ୍‌ରେ ହିଁ ନିହିତ ରହିଛି । ଏହା ହିଁ ନିରାଟ ସତ୍ୟ ଅଟେ । ଆପଣ ଅ.ସ କୁହନ୍ତି, ଅଲ୍ଲାଃତାଲାଙ୍କର ତୁମ ଉପରେ ଏହି ମହୋପକାର କରିଛନ୍ତି ଯେ, ତୁମମାନଙ୍କୁ ପବିତ୍ର କୁରଆନ୍ ପରି ମହାଗ୍ରନ୍ଥ ପ୍ରଦାନ କରିଛନ୍ତି । ଅତଏବ୍ ତୁମେମାନେ ପ୍ରଭୁଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର ପ୍ରତି ସମ୍ମାନ ପ୍ରଦର୍ଶନ କର ନାହିଁ । କାରଣ ଏହା ଅତ୍ୟନ୍ତ ସୁନ୍ଦର ପୁରସ୍କାର ଓ ମହାରତ୍ନ ଅଟେ । ଯଦି ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇ ନ ଥାଆନ୍ତା ତେବେ ସମସ୍ତ ସଂସାର ଏକ ଅପରିଷ୍କାର ଓ ଅଶୁଦ୍ଧ ମାଂସପିଣ୍ଡ ପରି ଥିଲା । ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ଧର୍ମଗ୍ରନ୍ଥ ଯାହା ତୁଳନାରେ ଅନ୍ୟ ସମସ୍ତ ମାର୍ଗଦର୍ଶକ ତୁଚ୍ଛ ଓ ମୂଲ୍ୟହୀନ ଅଟେ ।

ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଖାତମୁଲ୍ କୁତୁବ୍ (ସର୍ବଶ୍ରେଷ୍ଠ ଚୂଡ଼ାନ୍ତ ପୁସ୍ତକ) ହେବା ସଂକ୍ରାନ୍ତରେ କୁହନ୍ତି, ଆଁହଜରତ ସ.ଅ ଖାତମୁନ୍ ନବୀୟିନ୍ (ନବୀ ଶ୍ରେଷ୍ଠ ଓ ନବୀ ଶିରୋମଣି ଅଟନ୍ତି) ଓ ପବିତ୍ର କୁରଆନ୍ କରୀମ୍ ହେଉଛି ଖାତମୁଲ୍ କୁତୁବ୍ । ବର୍ତ୍ତମାନ ଆଉ କୌଣସି କଲ୍‌ମା ଓ ଅନ୍ୟ କୌଣସି ନମାଜ୍ ହୋଇ ପାରିବ ନାହିଁ । ଆଁହଜରତ ସ.ଅ ଯାହାକିଛି କହିଲେ ଓ ଯାହା କରି ଦେଖାଇଛନ୍ତି, ତାହାକୁ ବାଦ୍‌ଦେଲେ ମୋକ୍ଷ ପ୍ରାପ୍ତି ଆଦୌ ସମ୍ଭବପର ନୁହେଁ । ଯେଉଁ ବ୍ୟକ୍ତି ଏହାକୁ ପରିତ୍ୟାଗ କରେ ସେ ନର୍କଗାମୀ ହେବ । ଏହା ହେଉଛି ମୋର ସିଦ୍ଧାନ୍ତ ଏବଂ ଆସ୍ଥା। କିନ୍ତୁ ତତ୍‌ସହିତ ଏହା ମଧ୍ୟ ସ୍ମରଣ ରଖିବା ଉଚିତ ଯେ, ଉକ୍ତ ସଂପ୍ରଦାୟ ନିମନ୍ତେ ଐଶୀ ସମ୍ବୋଧନ ଏବଂ ବାର୍ତ୍ତାଳାପର

ଦ୍ୱାର ଉନ୍ମୁକ୍ତ ରହିଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ପବିତ୍ର କୁରଆନ୍ କରୀମ୍‌ର ଏହି ଦ୍ୱାର ତାହାର ସତ୍ୟତା ଏବଂ ଆଁହଜରତ ସ.ଅଙ୍କ ସତ୍ୟତା ଉପରେ ସର୍ବଦା ସାକ୍ଷ୍ୟ ପ୍ରଦାନ କରିଥାଏ । ଇସ୍‌ଲାମ୍ ଧର୍ମର ଲକ୍ଷ୍ୟ ମଧ୍ୟରୁ ପ୍ରମୁଖ ପ୍ରସଙ୍ଗ ଏହା ରହିଥିଲା ଯେ, ମନୁଷ୍ୟ କେବଳ ତୁଣ୍ଡରୁ ଏକେଶ୍ୱରବାଦ ଉକ୍ତିର ଉଚ୍ଚାରଣ ନକରୁ । ବରଂ ବାସ୍ତବରେ ଏହାକୁ ହୃଦୟଙ୍ଗମ କରୁ ଏବଂ କେବଳ ସ୍ୱର୍ଗ ଓ ନର୍କ ଉପରେ କାଳ୍ପନିକ ବିଶ୍ୱାସ ନକରି ବାସ୍ତବ ଜୀବନର ସେହି ଅବସ୍ଥା ସଂପର୍କରେ ଅବଗତ ହୋଇଯାଉ ତଥା ସେହି ପାପରୁ ଯହିଁରେ ଅସଭ୍ୟ ବ୍ୟକ୍ତିମାନେ ପ୍ରପୀଡ଼ିତ ଅଛନ୍ତି ତହିଁରୁ ମନୁଷ୍ୟ ଉଦ୍ଧାର ପାଉ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଏହା ହିଁ ଇସ୍‌ଲାମ୍ ଧର୍ମର ମହାନ୍ ଉଦ୍ଦେଶ୍ୟ ଥିଲା ଓ ରହିଛି । ଏହା ଏପରି ପବିତ୍ର ଉଦ୍ଦେଶ୍ୟ ଯେ, ଅନ୍ୟ କୌଣସି ଜାତି ତାହାର ଦୃଷ୍ଟାନ୍ତ ନିଜ ଧର୍ମରୁ ଉପସ୍ଥାପିତ କରିପାରିବ ନାହିଁ ।

ହୁଜୁର ଅ.ବ କହିଲେ, ଆଜି ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ଅହେମଦିମାନଙ୍କର ଏହି ସ୍ତର ପ୍ରାପ୍ତ କରିବାର ଆବଶ୍ୟକତା ରହିଛି ଏବଂ ସଂସାରାବାସୀଙ୍କୁ ଏହା କହିବାର ଆବଶ୍ୟକତା ରହିଛି ଯେ, ଆମମାନଙ୍କ ଉପରେ ଯେଉଁ ଅବିଶ୍ୱାସ ଜନିତ ଫତ୍‌ୱା (ଧର୍ମାଜ୍ଞା) ଜାରି କରାଯାଉଛି ସେମାନଙ୍କୁ ଏହା ଦେଖାଇଦେବା ଉଚିତ ଯେ, ଅହେମଦିମାନେ କେବଳ ପୁରୁଣା କାହାଣୀ ବର୍ଣ୍ଣନା କରୁ ନାହାନ୍ତି ବରଂ ଆଜି ମଧ୍ୟ ଜୀବନ୍ତ ପୁସ୍ତକ ଏବଂ ଜୀବନ୍ତ ରସୁଲଙ୍କୁ ସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କ ଉପରେ ଅଲ୍ଲାଃତାଲାଙ୍କର କୃପାବତୀର୍ଣ୍ଣ ହେଉଥିବାର ବିଶ୍ୱାସ ରଖନ୍ତି । ଅହେମଦିମାନେ ଏହି କଥା ଉପରେ ମଧ୍ୟ ବିଶ୍ୱାସ ରଖନ୍ତି ଯେ, ଅଲ୍ଲାଃତାଲା ଆଜି ମଧ୍ୟ ସେହିପରି ବାର୍ତ୍ତାଳାପ କରନ୍ତି ଯେପରି ସେ ପୂର୍ବେ ନବୀମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ।

ଆପଣ ଅ.ସ କହୁନ୍ତି, ଅଲ୍ଲାଃତାଲା ଆମମାନଙ୍କୁ ସେହି ପ୍ରିୟ ନବୀ ପ୍ରଦାନ କଲେ ଯେକି ଖାତମୁଲ୍ ମୁମିନିନ୍ (ସର୍ବଶ୍ରେଷ୍ଠ ବିଶ୍ୱାସକାରୀ), ଖାତମୁଲ୍ ଆରିଫିନ୍ (ସର୍ବଶ୍ରେଷ୍ଠ ବିଜ୍ଞ ବ୍ୟକ୍ତି), ଖାତମୁନ୍ ନବୀୟୀନ୍ (ସମସ୍ତ ଅବତାରମାନଙ୍କର ଶିରୋମଣି ଓ ସର୍ବଶ୍ରେଷ୍ଠ ନବୀ ) ଏବଂ ସେହପରି ସେ ସେହି ବ୍ୟକ୍ତି ଉପରେ ପବିତ୍ର କୁରଆନ୍ ଅବତୀର୍ଣ୍ଣ କଲେ ଯାହାକି ସକଳ ପୁସ୍ତକର ସାରାଂଶ ଏବଂ ଶ୍ରେଷ୍ଠ ପବିତ୍ର ଧର୍ମଗ୍ରନ୍ଥ ଅଟେ । ପବିତ୍ର କୁରଆନ୍ କରୀମ୍ ଉପରେ କେଉଁଭଳି ବିଶ୍ୱାସ ଆଣିବା ଉଚିତ ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ମୁଁ ପବିତ୍ର କୁରଆନ୍ କରୀମ୍ ଏବଂ ଆଁହଜରତ ସ.ଅଙ୍କ ଆଜ୍ଞାକାରୀ ହେବା ପରିବର୍ତ୍ତେ ଅବଜ୍ଞକାରୀ ହେବା ଏବଂ ତିଳେମାତ୍ର ମାର୍ଗଚ୍ୟୁତ ହେବାକୁ ବିଶ୍ୱାସଘାତକତା ବୋଲି ମନେକରୁଛି । ମୋର ଏହି ଆସ୍ଥା ଓ ଧର୍ମମତ ରହିଛି ଯେ, ଯେଉଁ ବ୍ୟକ୍ତି ଏହାକୁ ଜାଣିଚିଏ ପରିତ୍ୟାଗ କରେ ସେ ନର୍କଗାମୀ ଅଟେ ।

ପବିତ୍ର କୁରଆନ୍ କରୀମ୍ ଏବଂ ପ୍ରକୃତିଗତ ନିୟମର ପାରସ୍ପରିକ ସହମତି ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି, ପବିତ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା । ଯାହାକି ମାନବ ରୂପକ ବୃକ୍ଷର ପ୍ରତ୍ୟେକ ଶାଖା ପ୍ରଶାଖାର ଯତ୍ନ ତଥା ଲାଳନ ପାଳନ କରିଥାଏ । ପବିତ୍ର କୁରଆନ୍ କରୀମ୍ କେବଳ ଗୋଟିଏ ଦିଗ ଉପରେ ଗୁରୁତ୍ୱାରୋପ କରି ନଥାଏ ବରଂ ଅଧିକାଂଶ ସ୍ଥଳରେ କ୍ଷମା ଏବଂ ଦୟାମୂଳକ ଆଚରଣ ପ୍ରଦର୍ଶନ କରିବା ପ୍ରତି ଶିକ୍ଷା ଦେଇଥାଏ । କିନ୍ତୁ ତହିଁରେ ଏହି ସର୍ତ୍ତ ମଧ୍ୟ ରହିଛି ଯେ, କେତେବେଳେ କ୍ଷମା ସମୟାନୁକୂଳ ପ୍ରଦର୍ଶନ କରାଯାଉ ତ' ଆଉ କେତେବେଳେ ଅର୍ଥାତ ଯଥା ସମୟରେ ଦୋଷୀକୁ ଦଣ୍ଡ ଦେବା ପାଇଁ ପବିତ୍ର କୁରଆନ ଶିକ୍ଷା ଦେଇଥାଏ । ବାସ୍ତବ ପକ୍ଷରେ କହିବାକୁ ଗଲେ ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ପ୍ରଭୁଙ୍କ ପ୍ରକୃତିଗତ ପ୍ରତିଛବି ଯାହାକି ସର୍ବଦା ଆମମାନଙ୍କର ଦୃଷ୍ଟି ସମ୍ମୁଖରେ ବିଦ୍ୟମାନ ରହିଛି । ଏହା ଅତ୍ୟନ୍ତ ତର୍କସଙ୍ଗତ ଯେ, ଅଲ୍ଲାଃତାଲାଙ୍କ କଥନ ଏବଂ କରଣ ଉଭୟ ମଧ୍ୟରେ ସାମ୍ୟତା ରହିବା ଉଚିତ । ଅର୍ଥାତ ଯେଉଁଭଳି ଢଙ୍ଗରେ ସଂସାରରେ ପ୍ରଭୁଙ୍କ କାର୍ଯ୍ୟ ଅର୍ଥାତ ଲୀଳା ଦୃଶ୍ୟମାନ ହେଉଅଛି ଠିକ୍ ସେହିପରି ପ୍ରଭୁଙ୍କ ସତ୍ୟାଧାରିତ ପୁସ୍ତକ ମଧ୍ୟ ନିଜର କାର୍ଯ୍ୟ ସହିତ ସାମ୍ୟତା ରକ୍ଷା କରି ତଦନୁଯାୟୀ ଶିକ୍ଷା ପ୍ରଦାନ କରିବା ଉଚିତ । ଆପଣ ଅ.ସ କୁହନ୍ତି, ପ୍ରକୃତ ଧର୍ମ ହେଉଛି ସେହି ଧର୍ମ ଯିଏ ସାଂପ୍ରତିକ କାଳରେ ମଧ୍ୟ ପ୍ରଭୁଙ୍କର ଶ୍ରବଣକାରୀ ଏବଂ ବାର୍ତ୍ତାଳାପକାରୀ ହେବା ସାବ୍ୟସ୍ତ କରେ । ଅତଃ ପ୍ରକୃତ ଧର୍ମରେ ଅଲ୍ଲାଃତାଲା ବାର୍ତ୍ତାଳାପ ମାଧ୍ୟମରେ ନିଜସ୍ୱ ଅସ୍ତିତ୍ୱର ସ୍ୱୟଂ ପ୍ରମାଣ ଦେଇଥାଆନ୍ତି । ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ କଷ୍ଟସାଧ ବ୍ୟାପାର । ସାଂସାରିକ ବୈଦ୍ୟ ଓ ଦାର୍ଶନିକ ବ୍ୟକ୍ତିଙ୍କର ଏହି କାର୍ଯ୍ୟ ନୁହେଁ ଯେ, ସେମାନେ ତାହାଙ୍କ ସଂକ୍ରାନ୍ତରେ ସନ୍ଧାନ ଲଗାଇବେ । କାରଣ ଆକାଶ ଓ ପାତାଳକୁ ଦେଖି କେବଳ ଏହା ପ୍ରମାଣିତ ହୁଏ ଯେ, ଏହି ଶକ୍ତିଶାଳୀ ତଥା ସୁବ୍ୟବସ୍ଥିତ

ବିଶ୍ୱ ବ୍ରହ୍ମାଣ୍ଡର କେହି ନା କେହି ନିର୍ମାଣକର୍ତ୍ତା ହେବା ଉଚିତ୍ । କିନ୍ତୁ ଏହା ପ୍ରମାଣିତ ହୋଇପାରେ ନାହିଁ ଯେ, ସେହି ନିର୍ମାଣକର୍ତ୍ତା ଉପସ୍ଥିତ ଅଛନ୍ତି । **'ହେବା ଉଚିତ୍' ଓ 'ବିଦ୍ୟମାନ ଅଛନ୍ତି'** ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ତାହା ପ୍ରକାଶ୍ୟ ଓ ଅତି ସହଜେ ଅନୁମେୟ । ଅତଏବ ସେହି ମହାନ ପରାକ୍ରମୀ ସତ୍ତାଙ୍କ ସଂକ୍ରାନ୍ତରେ କେବଳ ପବିତ୍ର କୁରଆନ୍ ହିଁ ସମ୍ୟକ ସୂଚନା ପ୍ରଦାନ କରିଥାଏ ।

ଆପଣ ଅ.ସ କୁହନ୍ତି, ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଧର୍ମର ଧର୍ମଗୁରୁଙ୍କୁ ଆମେ(ଆପଣ ଅ.ସ) ନିମନ୍ତ୍ରିତ କଲୁ ଯେ, ସେମାନେ ଆମ ବିପକ୍ଷରେ ଆସି ନିଜ ସତ୍ୟତାର ନିଦର୍ଶନ ପ୍ରଦର୍ଶନ କରନ୍ତୁ । କିନ୍ତୁ ଜଣେ ମଧ୍ୟ ଏପରି ବ୍ୟକ୍ତି ନାହାନ୍ତି ଯେକି ନିଜ ଧର୍ମର ସତ୍ୟତାର କୌଣସି ଉଦାହରଣ ବ୍ୟବହାରିକ ରୂପେ ପ୍ରଦର୍ଶନ କରିଛନ୍ତି ? ଆମେ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ପୂର୍ଣ୍ଣ ଚମତ୍କାର ରୂପେ ଗ୍ରହଣ କରିଥାଉ । ଆମମାନଙ୍କର ଏହି ବିଶ୍ୱାସ ଏବଂ ଦାବି ରହିଛି ଯେ, ଅନ୍ୟ କୌଣସି ଧର୍ମପୁସ୍ତକ ପବିତ୍ର କୁରଆନ୍ ବିପକ୍ଷରେ ତିଷ୍ଠି ପାରିବ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଆନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ତୌରାତ୍ ଏବଂ ଇଞ୍ଜିଲ୍ ବିପକ୍ଷରେ ପୂର୍ଣ୍ଣ ଏବଂ ତର୍କଯୁକ୍ତ ହେବା ସାବ୍ୟସ୍ତ କରିବା ପରେ କହିଲେ, ଦାମ୍ଭିକତାର ସହ ଏବଂ ସପ୍ରମାଣେ ସମସ୍ତ ଧର୍ମ ଉପରେ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱ ସାବ୍ୟସ୍ତ କରିବା ଆପଣ ଅ.ସ ସେହି ସମୟରେ ପ୍ରତିପାଦିତ କରିଥିଲେ ଯେତେବେଳେ ଏହି ଦେଶ (ଅର୍ଥାତ ଭାରତ ବର୍ଷରେ)ରେ ଇଂରେଜମାନେ ଶାସନ କରୁଥିଲେ । ଖ୍ରୀଷ୍ଟ ଧର୍ମର ପ୍ରାବଲ୍ୟତା ଏବଂ ଶାସନ କ୍ଷମତା ଚରମ ସୀମାରେ ରହିଥିଲା । ତଥାପି ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବା ନିମନ୍ତେ ସେମାନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଲେ ଏବଂ ଆପଣ ଅ.ସ ଏଥି ନିମନ୍ତେ ତିଳେମାତ୍ର ଭୟଭୀତ ମଧ୍ୟ ହୋଇ ନଥିଲେ । କାରଣ ଆପଣ ଅ.ସ ଈଶ୍ୱରଙ୍କ ଦ୍ୱାରା ଆଗତ ଅବତାର ଥିଲେ ଯାହାଙ୍କୁ ଅଲ୍ଲାଃତାଲା ଏହି ଯୁଗରେ ଆଁହଜରତ ସ.ଅଙ୍କ ଦାସତ୍ୱରେ ପ୍ରେରଣ କରିଥିଲେ । ଏହି ସମସ୍ତ ବିଷୟକୁ ଆମେମାନେ ଆପଣ ଅ.ସଙ୍କ ଶିକ୍ଷା ଓ ଲେଖନୀରେ ଅବଲୋକନ କରିଥାଉ । ଏହା ହିଁ ସେହି ଶିକ୍ଷା ଯେଉଁ ଶିକ୍ଷା ଜମାଅତ୍ ଅହେମଦିୟା ଆଗକୁ ସଂପ୍ରସାରିତ କରୁଅଛି । ଜମାଅତ୍ ଅହେମଦିୟା ଉପରେ ଦୋଷାରୋପ ଲଗାଉଥିବା ବ୍ୟକ୍ତିମାନେ ଏହା କୁହନ୍ତି ଯେ, ଅହେମଦିମାନେ ପବିତ୍ର କୁରଆନ୍ କରୀମ୍‌ରେ ପରିବର୍ତ୍ତନ କରି ପବିତ୍ର କୁରଆନ୍ ଓ ନବୀଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି ।

ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା ଏବଂ ଆବଶ୍ୟକତା ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ଆଭିମୁଖ୍ୟ ହେଲା ସଂସାରବାସୀଙ୍କ ସୁଧାର ଓ ସେମାନଙ୍କର ସଂସ୍କାର କରିବା । କୌଣସି ବିଶିଷ୍ଟ ଜାତିକୁ ପବିତ୍ର କୁରଆନ୍ ସମ୍ବୋଧିତ କରେ ନାହିଁ । ବରଂ ଖୋଲାଖୋଲି ଭାବରେ ପବିତ୍ର କୁରଆନ୍ ଏହା କହେ ଯେ, ଏହି ଧର୍ମ ପୁସ୍ତକଟି ସମଗ୍ର ମାନବଜାତି ନିମନ୍ତେ ଅଭିପ୍ରେତ ଏବଂ ଅବତୀର୍ଣ୍ଣ ହୋଇଅଛି ଓ ପ୍ରତ୍ୟେକ ବ୍ୟକ୍ତିର ଚାରିତ୍ରିକ ସଂଶୋଧନ କରିବା ଏହାର ମୂଳ ଲକ୍ଷ୍ୟ ଅଟେ । ଖୁତ୍‌ବା ଅନ୍ତେ ହୁଜୁର ଅନୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ର କୃପା, ମର୍ଯ୍ୟାଦା ଏବଂ ଶ୍ରେଷ୍ଠତା ସଂପର୍କରେ ଆହୁରି ଅନେକ ପ୍ରାମାଣ୍ୟ ରହିଛି ଯାହାକୁ ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ୍‌ଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକରୁଲ୍ଲାହି ଅକ୍‌ବର୍ ।**

.....................................

KHULASA KHUTBA JUMA HUZOOR ANWAR a.b.a

3rd Feb. 2023